# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 January – 2026

*********************************

## ମୁଖ୍ୟ ସମ୍ବାଦ

- ଦେଶର ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ନାଗରିକଙ୍କ ବିଶ୍ୱାସର ପ୍ରତିଫଳନ; କହିଲେ ରାଷ୍ଟ୍ରପତି
- ଭୋଟରମାନେ ହେଉଛନ୍ତି ଗଣତନ୍ତ୍ରର ଆତ୍ମା ବୋଲି ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ
- ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦେଶବାସୀଙ୍କୁ କରିବେ ସମ୍ବୋଧନ

ଏବଂ

- ପବିତ୍ର ମାଘସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

— ଭୁବନେଶ୍ୱର ଖଣ୍ଡଗିରି କୁମ୍ଭମେଳା ପାଇଁ ନାଗା ସାଧୁଙ୍କ ସମାଗମ

## ପ୍ରେସିଡେଣ୍ଟ

ଭୋଟ୍ ଦେବା କେବଳ ଏକ ରାଜନୈତିକ ଅଭିବ୍ୟକ୍ତି ନୁହେଁ ବରଂ ଦେଶର ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ପ୍ରତି ନାଗରିକଙ୍କ ବିଶ୍ୱାସର ପ୍ରତିଫଳନ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଭୋଟର ଦିବସ ପାଳନ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଭୋଟ୍ ପ୍ରଦାନ ମାଧ୍ୟମରେ ନାଗରିକ ସେମାନଙ୍କର ଆକାଂକ୍ଷା ପ୍ରକାଶ କରିଥାନ୍ତି ।

**V/O (President)**

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂତନ ଭାବେ ପଞ୍ଜୀକୃତ ଯୁବ ଭୋଟରମାନଙ୍କୁ ଭୋଟର ଫଟୋ ପରିଚୟ ପତ୍ର ପ୍ରଦାନ କରିଛନ୍ତି । ଏଥିସହ ରାଷ୍ଟ୍ରପତି ନିର୍ବାଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା, ନିର୍ବାଚନ ପରିଚାଳନା, ଭୋଟର ସଚେତନତା ପଦକ୍ଷେପ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

## ମନ୍ କୀ ବାତ୍

ମତଦାତା ଗଣତନ୍ତ୍ରର ଆତ୍ମା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ଶ୍ରୀ ମୋଦୀ କହିଛନ୍ତି, ପ୍ରଥମଥର ପାଇଁ ଭୋଟର

ତାଲିକାରେ ସାମିଲ ହୋଇଥିବା  ଯୁବବର୍ଗଙ୍କୁ ଅଭିନନ୍ଦନ। ଏହାଦ୍ୱାରା ମତଦାନ  ପାଇଁ ସଚେତନତା ବୃଦ୍ଧି ପାଇବା ସହ ଭୋଟର ହେବାର ଗୁରୁତ୍ୱପୂର୍ଣ୍ଣ ଭାବନାକୁ ପ୍ରତିଫଳନ କରିବ।

## - V/O - (PM)

ଶ୍ରୀ ମୋଦୀ କହିଛନ୍ତି, ଆସନ୍ତାକାଲି ଦେଶ ଗଣତନ୍ତ୍ର ଦିବସ ପାଳନ କରିବ । ଏହି ଦିନ ହିଁ ସମ୍ବିଧାନ କାର୍ଯ୍ୟକ୍ଷମ ହୋଇଥିଲା । ସମ୍ବିଧାନର ପ୍ରତିଷ୍ଠାତଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ଏହା ହେଉଛି ଏକ ବିଶେଷ ଦିବସ ।

ଶିଳ୍ପ ଏବଂ ଷ୍ଟାଟ୍ଅପ୍ ଉଦ୍ୟୋଗ ସହିତ ସାମିଲ ଯୁବବର୍ଗଙ୍କୁ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଉତ୍ପାଦିତ ହେଉଥିବା ସାମଗ୍ରୀ ଗୁଡ଼ିକର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

୨୦୧୬ ଜାନୁଆରୀ ମାସରେ ଦେଶରେ ଷ୍ଟାର୍ଟ୍ଅପ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଥଲା । ଭାରତ ଆଜି ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟ୍ଅପ୍ ଇକୋ ସିଷ୍ଟମ ପାଲଟିଛି। ପ୍ରଯୁକ୍ତିବିଦ୍ୟା, ମହାକାଶ, ପରମାଣୁଶକ୍ତି, ସବୁଜ ହାଇଡ୍ରୋଜେନ୍, ବାୟୋ ଟେକ୍ନୋଲୋଜି ଆଦି ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟ୍ଅପ୍ ଗୁଡିକ ଉତ୍କର୍ଷତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦୀ ଦେଶର ପାରିବାରିକ ବ୍ୟବସ୍ଥା ଉପରେ ଏହି ଅବସରରେ ଆଲୋକପାତ କରିବା ସହ କେତେକ ଉଦାହରଣ ମଧ୍ୟ ପ୍ରଦାନ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନ ଅଧୀନରେ ଦେଶର ଏପର୍ଯ୍ୟନ୍ତ ୨୦୦କୋଟିରୁ ଅଧିକ ଚାରାରୋପଣ କରାଯାଇଛି ।

ଆସନ୍ତାମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଭାରତ ଏଆଇ ଇମ୍ପାକ୍ଟ ସମ୍ମିଳନୀ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତର ପ୍ରଗତି ଏବଂ ସଫଳତାକୁ ବିଶ୍ୱସ୍ତରରେ ପ୍ରତିପାଦନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

**V/O (PM AI Summit)**

## ପ୍ରେଜ୍ - ଆଡ୍ରେସ୍ ଟୁ ନେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ଆଜି ସନ୍ଧ୍ୟା ୭ଟାରେ ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଏବଂ ଦୂରଦର୍ଶନ ଚ୍ୟାନେଲ୍‌ରେ ହିନ୍ଦୀ ଏବଂ ପରେ ପରେ ଇଂରାଜୀ ଭାଷାରେ ଏହା ପ୍ରସାରିତ ହେବ । ଦୂରଦର୍ଶନର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲ୍‌ରେ ସ୍ଥାନୀୟ ଭାଷାରେ ଏହାର ପ୍ରସାରଣ କରାଯିବ। ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍‌ରେ ଅଭିଭାଷଣର ଅନୁବାଦ ଆଞ୍ଚଳିକ ଭାଷାରେ ପ୍ରସାରିତ ହେବ ।

## ସାଧାରଣତନ୍ତ୍ର ଦିବସ ପଦକ

୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ଆସନ୍ତାକାଲି ସାହସିକତା ଏବଂ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାରୁ ୪ ଜଣଙ୍କୁ ପୁଲିସ୍ ସେବା ପଦକ ପ୍ରଦାନ କରାଯିବ। ଡିଏସ୍‌ପି ଅତୁଲ କ୍ରିଷ୍ଣା ଦାସ, ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦୁଇ କନେଷ୍ଟବଲ ଘନଶ୍ୟାମ ସାହୁ ଓ ଥବିର ମାଝୀଙ୍କୁ ଏହି ପଦକ ପାଇଁ ମନୋନିତ କରାଯାଇଛି। ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରଫୁଲ ସିଂଙ୍କୁ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯିବ। ସେହିପରି ଉଲ୍ଲେଖନୀୟ ସେବା ପାଇଁ ୧୧ ଜଣଙ୍କୁ ପଦକ ଦିଆଯିବ।

## ମୁଖ୍ୟମନ୍ତ୍ରୀ

କୃତ୍ରିମ ବୁଦ୍ଧିମତ୍ତା ଏବଂ ନବସୃଜନ ଦିଗରେ ରାଜ୍ୟ ଅଗ୍ରସର ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୃତ୍ରିମ ବୁଦ୍ଧିବତ୍ତା କମ୍ପାନୀ 'ସର୍ଭମ୍' ସହ ବୈଠକ ପରେ ଶ୍ରୀ ମାଝୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆଗାମୀ ଦିଗରେ ରାଜ୍ୟରେ କୃତ୍ରିମ ବୁଦ୍ଧିମତ୍ତା ବିଦ୍ୟାଳୟ ଖୋଲାଯିବ। ଏ ନେଇ ଖୁବ୍‌ଶୀଘ୍ର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ। ସୁରକ୍ଷିତ, କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିଭୂମି ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ ଆଜି ସଂଧ୍ୟାରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡକ୍ଟର ମୁରୁଗନ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଧର୍ମେନ୍ଦ୍ର ପ୍ରଧାନ

ଜ୍ଞାନ ଓ ସୃଜନଶୀଳତାର ମିଶ୍ରଣରେ ଉଦ୍‌ଭାବନ ସମ୍ଭବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ସୂଚନା ଓ ପ୍ରାଦ୍ୟୋଗିକି ପ୍ରତିଷ୍ଠାନ-ସୁଟ୍‌ରେ ରାଜ୍ୟର ପ୍ରଥମ କୃତ୍ରିମ ବୁଦ୍ଧିମତା ଆଧାରିତ ସୂଚନା ଓ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରର ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଓ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ପ୍ରଦାନ ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ। ଆଗାମୀ ଦିନରେ ଜିଲ୍ଲାରେ ୧୦୦ ବ୍ୟାଡମିଣ୍ଟନ କୋର୍ଟ୍ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଶ୍ୱବିଦ୍ୟାଳୟରେ ୨ ହଜାର ୫୦୦ ଛାତ୍ର ରହିବାର ବ୍ୟବସ୍ଥା କରାଯିବା ସହ ୩୦ କୋଟି ଟଙ୍କା ବ୍ୟୟରେ କ୍ରୀଡା ଭିତ୍ତିଭୂମିର ବିକାଶ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି।

## ମାଘସପ୍ତମୀ ବୁଡ଼

ପବିତ୍ର ମାଘସପ୍ତମୀ ଅବସରରେ କୋଣାର୍କ ଚନ୍ଦ୍ରଭାଗାଠାରେ ଆଜି ଶ୍ରଦ୍ଧାଳୁମାନେ ଆସ୍ଥାର ବୁଡ଼ ପକାଇଛନ୍ତି। ପରମ୍ପରା ଅନୁସାରେ, ମାଧିପୁରର ତ୍ରିବେଣୀଶ୍ୱର, ସନ୍ଥପୁରର ଐଶାନେଶ୍ୱର ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବ ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ ପରେ

ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ନାରାୟଣଙ୍କ ଦର୍ଶନ କରିଛନ୍ତି। ପରେ ସାଧୁସନ୍ଥ ଓ ଲକ୍ଷାଧିକ ଶ୍ରଦ୍ଧାଳୁ ଚନ୍ଦ୍ରଭାଗାରେ ବୁଡ଼ ପକାଇଥିଲେ।

ତିନି ଠାକୁର ଚନ୍ଦ୍ରଭାଗାରେ ଥିବା ତୀର୍ଥମଣ୍ଡପରେ ପହଞ୍ଚିବା ପରେ ସେବାୟତମାନଙ୍କ ଦ୍ୱାରା ସ୍ୱତନ୍ତ୍ର ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଧାର୍ମିକ, ଆଧ୍ୟାତ୍ମିକ ଓ ପାରମ୍ପରିକ ବିଶ୍ୱାସକୁ ନେଇ ଆଜି ସୂର୍ଯ୍ୟଦେବଙ୍କ ଜନ୍ମତିଥି ପାଇଁ ଅର୍କକ୍ଷେତ୍ରଠାରେ ବୁଡ ପକାଇଲେ ବିଭିନ୍ନ ଦୂରାରୋଗ୍ୟରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଭୁବନେଶ୍ୱର ଖଣ୍ଡଗିରିଠାରେ ଆଜିଠାରୁ କୁମ୍ଭମେଳା ଆରମ୍ଭ ହେଉଛି। ରାଜ୍ୟ ଓ ରାଜ୍ୟବାହାରୁ ବହୁ ସଂଖ୍ୟାରେ ନାଗା ସାଧୁମାନେ ମେଳାରେ ଯୋଗ ଦେଉଛନ୍ତି। ନଅ ଦିନ ଧରି ଏହି ମେଳା ଚାଲିବ।

**ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ସହ ମନ୍ଦିର ନିକଟରେ ପୂଜା ପାଉଥିବା ନବଗ୍ରହଙ୍କ ଦର୍ଶନ କରିଛନ୍ତି।

ଏହି ଅବସରରେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରି ଶ୍ରୀମତୀ ପରିଡା କହିଛନ୍ତି...

**- V/O - (**ପ୍ରଭାତୀ ପରିଡା**)**

## ପଂଚାୟତ ନିର୍ବାଚନ

ରାଜ୍ୟରେ ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ନିର୍ବାଚନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କହିଛନ୍ତି। ୫ ବର୍ଷ କାର୍ଯ୍ୟକାଳ ଶେଷ ହେବା ପରେ  ନିର୍ବାଚନ କରାଯିବ। ଏ ନେଇ ସବ୍‌ଡିଭିଜନ ସ୍ତରରେ ପ୍ରସ୍ତୁତି ଆରମ୍ଭ ସହ  ସମସ୍ତ ଜିଲ୍ଲାପାଳଙ୍କ ସହ ବୈଠକ ହୋଇଯାଇଛି। ବୁଥ୍ ନିର୍ଦ୍ଧାରଣ ଏବଂ ବାଲାଟବକ୍ସ ପ୍ରସ୍ତୁତି ସହ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତ ନିର୍ବାଚନକୁ କମ୍ ସମୟ ରହିଥିବାରୁ ଉପନିର୍ବାଚନ ପାଇଁ ନିଷ୍ପତ୍ତି ହୋଇନାହିଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ଅଭିଜିତ୍ ପରଲୋକ

ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ଆଜି ୫୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶାରୀରିକ ଅସୁସ୍ଥତା କାରଣରୁ ଦୀର୍ଘଦିନ ଧରି ସେ ଭୁବନେଶ୍ୱର ଏମ୍‌ସ୍‌ରେ ଚିକିତ୍ସିତ ହେଉଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମଜୁମଦାରଙ୍କ ପରଲୋକରେ ଦୁଃଖ ପ୍ରକାଶ କରି କହିଛନ୍ତି, ତାଙ୍କର ବିୟୋଗ ଓଡ଼ିଆ ସଙ୍ଗୀତ, ସିନେମା ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ନିଜର ନିଆରା ସଂଗୀତ ଶୈଳୀ ଓ ସୃଜନଶୀଳତା ମାଧ୍ୟମରେ ସେ ଦୀର୍ଘ ଦଶନ୍ଧି ଧରି ଓଡ଼ିଆ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

## ନ୍ୟାସନାଲ ଟୁରିଜିମ

ଦେଶର ସଂସ୍କୃତି, ଇତିହାସ ସମ୍ପର୍କରେ ପ୍ରଚାର ଓ ପ୍ରସାରକୁ ଲକ୍ଷ୍ୟରଖି ଆଜି ଜାତୀୟ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୨୦୨୨ ମସିହାରେ ଆଜାଦିକା ମହୋତ୍ସବର ଅଂଶବିଶେଷ ଭାବେ ଏହି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷର ବିଷୟବସ୍ତୁ ରହିଛି 'ପରିବେଶ ଅନୁକୂଳ ଏବଂ ସ୍ଥାୟୀ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହନ ପ୍ରଦାନ' । ପରିବେଶ ଅନୁକୂଳ ତଥା ପର୍ଯ୍ୟଟନ କ୍ଷେତ୍ରର ନିରନ୍ତର ବିକାଶ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ।

## ମତଦାତା ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜାତୀୟ ମତଦାତା ଦିବସ ପାଳନ କରାଯାଉଛି।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଷୋଡଶ ଜାତୀୟ ମତଦାତା ଦିବସରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ କହିଛନ୍ତି, ମତଦାତାଙ୍କ ମୂଲ୍ୟବାନ ଭୋଟ ଗଣତନ୍ତ୍ରକୁ ସୁଦୃଢ କରୁଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିଠାରେ ଏହି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ

ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଯୋଗଦେଇ ମତଦାତାଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଧିକାରୀ, ପର୍ଯ୍ୟବେକ୍ଷକ ଓ ଭୋଟର ପଞ୍ଜୀକରଣ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଏହି ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କଲେଜଛକଠାରୁ ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଯୁବକ ଓ ସ୍ୱେଚ୍ଛାସେବୀ ସାମିଲ ହୋଇ ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଓ ମତଦାନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।